# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1979 CUTTACK, TUESDAY, SEPTEMBER 6, 2011 / BHADRA 15, 1933**


## ପଞ୍ଚାୟତିରାଜ ବିଭାଗ

ଅଧିସୂଚନା

ତାରିଖ 30 ଅଗଷ୍ଟ 2011

**S.R.O. No. 810**/2011— ଯେହେତୁ ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, 1991 (1991 ର ଅଧିନିୟମ 17) ଧାରା 6 ଅନ୍ତର୍ଗତ ଉପଧାରା (3-A), ଉପଖଣ୍ଡ (g) ଏବଂ ଓଡ଼ିଶା ଜିଲ୍ଲା ପରିଷଦ (ନିର୍ବାଚନମଣ୍ଡଳୀର ଭାଗ ଓ ସଂରକ୍ଷଣ) ନିୟମାବଳୀର ନିୟମ 8 ଅନୁଯାୟୀ ରାଜ୍ୟ ସରକାର ଓଡ଼ିଶା ଗେଜେଟର ତା 13-7-2011ରିଖର ଅସାଧାରଣ ସଂସ୍କରଣ ସଂଖ୍ୟା 1622ରେ ପ୍ରକାଶିତ ପଞ୍ଚାୟତିରାଜ ବିଭାଗର ଅଧିସୂଚନା ସଂଖ୍ୟା14366–17-SEC-18-9048/ପି.ଆର.ରେ ବଲାଙ୍ଗୀର ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀଗୁଡ଼ିକର ଚୂଡ଼ାନ୍ତ ତାଲିକା ଓ ସେଥିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗର ନାଗରିକ ଏବଂ ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିବା ଆସନଗୁଡ଼ିକୁ ପ୍ରକାଶ କରିଛନ୍ତି;

ଏବଂ ଯେହେତୁ ଉକ୍ତ ତାଲିକାର ଚୂଡ଼ାନ୍ତ ପ୍ରକାଶନ ପରେ ଦେଖାଗଲା ଯେ ବଲାଙ୍ଗୀର ଜିଲ୍ଲା ପରିଷଦ ନିର୍ବାଚନମଣ୍ଡଳୀର ଅନୁସୂଚିତ ଜାତିର ଲୋକ ସଂଖ୍ୟା ଅନୁପାତରେ ମୋଟ 06 (ଛଅ) ଗୋଟି ଆସନ ଅନୁସୂଚିତ ଜାତି ନିମନ୍ତେ ସଂରକ୍ଷିତ ରହିବା ଆବଶ୍ୟକ;

ଏବଂ ଯେହେତୁ ଅନୁସୂଚିତ ଜାତି ନିମନ୍ତେ ୬ଟି ଆସନ ସଂରକ୍ଷିତ କରାଯିବା ଆବଶ୍ୟକ ପଡୁଥିବାରୁ ଚୂଡ଼ାନ୍ତ ତାଲିକାକୁ ପରୀକ୍ଷା ନିରୀକ୍ଷା କଲାପରେ ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସଂରକ୍ଷିତ ଓ ଅଣସଂରକ୍ଷିତ ଆସନରେ କେତେକ ପରିବର୍ତ୍ତନ ଆବଶ୍ୟକ ମନେ ହେଉଛି;

ସୁତରାଂ ଉକ୍ତ ଅଧିନିୟମର ଧାରା 6 ର ଉପଧାରା (3-A), ଉପଖଣ୍ଡ (g) ଓ ଉକ୍ତ ନିୟମାବଳୀର ନିୟମ–8ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ରାଜ୍ୟ ସରକାର, ଏତଦ୍ଵାରା ପଞ୍ଚାୟତିରାଜ ବିଭାଗର ଅଧିସୂଚନା ସଂଖ୍ୟା14366/17-SEC-18-9048–ପି. ଆର. ତା 13-7-2011ରିଖରେ ନିମ୍ନଲିଖିତ ସଂଶୋଧନ କରି ଏତଦ୍ଵାରା ପ୍ରକାଶନ କରୁଛନ୍ତି, ସେଗୁଡ଼ିକ ହେଲା :—

ଉକ୍ତ ଅଧିସୂଚନା ପରିଶିଷ୍ଟରେ—

(କ) "ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ସଂଖ୍ୟା" ଶୀର୍ଷକ ସ୍ତମ୍ଭ–୩ରେ ପ୍ରକାଶିତ ଶବ୍ଦ ଓ ସଂଖ୍ୟା "ଅନୁସୂଚିତ ଜାତି–୫" ବଦଳରେ ଶବ୍ଦ ଓ ସଂଖ୍ୟା "ଅନୁସୂଚିତ ଜାତି–୬" ପ୍ରତିସ୍ଥାପିତ କରାଗଲା ଏବଂ ପ୍ରକାଶିତ ଶବ୍ଦ ଓ ସଂଖ୍ୟା "ଅଣସଂରକ୍ଷିତ–୧୧" ବଦଳରେ ଶବ୍ଦ ଓ ସଂଖ୍ୟା "ଅଣସଂରକ୍ଷିତ–୧୦" ପ୍ରତିସ୍ଥାପନ କରାଗଲା ।

(ଖ) ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର କ୍ରମିକ ସଂଖ୍ୟା–୧୧ରେ "ତୁରେକେଲା–୨" ନିର୍ବାଚନମଣ୍ଡଳୀ ସଂକ୍ରାନ୍ତରେ "ଯଦି ସଂରକ୍ଷିତ ତେବେ କେଉଁ ଶ୍ରେଣୀ ପାଇଁ" ଶୀର୍ଷକ ସ୍ତମ୍ଭ–୪ରେ ପ୍ରକାଶିତ "ଅଣସଂରକ୍ଷିତ" ଶବ୍ଦ ବଦଳରେ "ମହିଳା" ଶବ୍ଦ ପ୍ରତିସ୍ଥାପନ କରାଗଲା ।

(ଗ) ଜିଲ୍ଲା ପରିଷଦ ନିର୍ବାଚନମଣ୍ଡଳୀର କ୍ରମିକ ସଂଖ୍ୟା–୧୫ରେ "ପାଟଣାଗଡ–୨" ନିର୍ବାଚନମଣ୍ଡଳୀ ସଂକ୍ରାନ୍ତରେ "ଯଦି ସଂରକ୍ଷିତ ତେବେ କେଉଁ ଶ୍ରେଣୀ ପାଇଁ" ଶୀର୍ଷକ ସ୍ତମ୍ଭ–୪ରେ ପ୍ରକାଶିତ "ଅନୁସୂଚିତ ଜାତି (ମହିଳା)" ଶବ୍ଦଗୁଡ଼ିକ ବଦଳରେ "ଅନୁସୂଚିତ ଜାତି " ଶବ୍ଦଗୁଡ଼ିକ ପ୍ରତିସ୍ଥାପନ କରାଗଲା ।

(ଘ) ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର କ୍ରମିକ ସଂଖ୍ୟା-୨୭ "ମୁରିବାହାଲ-୧" ନିର୍ବାଚନମଣ୍ଡଳୀ ସଂକ୍ରାନ୍ତରେ "ଯଦି ସଂରକ୍ଷିତ ତେବେ କେଉଁ ଶ୍ରେଣୀ ପାଇଁ" ଶୀର୍ଷକ ସ୍ତମ୍ଭ-୪ରେ ପ୍ରକାଶିତ "ମହିଳା" ଶବ୍ଦ ବଦଳରେ "ଅନୁସୂଚିତ ଜାତି (ମହିଳା)" ଶବ୍ଦ ଗୁଡିକ ପ୍ରତିସ୍ଥାପନ କରାଗଲା ।

[ No. 17705—17-SEC-18-9048-P.R. ]

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସତ୍ୟନାରାୟଣ ଦାଶ**
ଉପ ଶାସନ ସଚିବ

———

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz.– 1257–193+50